


Scanned by TapScanner

ତେଣୁ ଖାଦ୍ୟ ଭକ୍ଷଣ ଲୋଭ ବା ଉଦର ପୋଷଣ ବୋଲି ଉପେକ୍ଷଣୀୟ ନୁହେଁ । ଏହା ଈଶ୍ୱରୋପାସନାର ଏକ ଅଂଶ ।

ଗଛର ଫୁଲ ତୋଳି ଠାକୁରଙ୍କ ମୁଣ୍ଡରେ ଚଢ଼ାଇ ଦେଲେ ତାହା ପୂଜା ହୋଇଯାଏ ନାହିଁ । ଯେଉଁ ମାଳି ଦିନରାତି ପରିଶ୍ରମ କରି ଗଛରେ ଫୁଲ ଫୁଟାଏ, ସେ ମଧ୍ୟ ଜଣେ ପୂଜାହାରୀ । ଦେହକୁ ଖାଦ୍ୟ ଦେଲେ ଯାଇ ସେ କାମ କରେ । ତେଣୁ ଯଜ୍ଞର ଉପାୟ ମଧ୍ୟ ଯଜ୍ଞ ।

ତିନୋଟି କାରଣ ପାଇଁ ଯେଉଁସବୁ କର୍ମ କରାଯାଏ, ସେ ସମସ୍ତ ଯଜ୍ଞ । ସେଗୁଡ଼ିକ ହେଲା : ସଂସାରକୁ ଈଶ୍ୱର ସେବାରେ ପ୍ରୟୋଗ କରିବା, ସମାଜରେ ଶାନ୍ତି ଓ ସୁବିଚାର ପ୍ରତିଷ୍ଠା କରିବା ଏବଂ ଶରୀରର ବିଭିନ୍ନ କ୍ରିୟା ଭିତରେ ନିୟନ୍ତ୍ରଣ ଓ ସଂହତି ଆଣିବା । ପ୍ରଥମଟି ଯଜ୍ଞ, ଦ୍ୱିତୀୟଟି ଦାନ ଓ ତୃତୀୟଟି ତପସ୍ୟା । ମଣିଷର ସମସ୍ତ କର୍ମ ଏଇ ତିନିଗୋଟି ଆବଶ୍ୟକତାର ଅଧୀନ ହେବା ବାଞ୍ଛନୀୟ ।

## ସତ୍ୟ ହିଁ ଭଗବାନ

ଏହି ଅବସ୍ଥାରେ ପହଞ୍ଚିବା ପାଇଁ ନୈତିକ ଜୀବନ ହିଁ ମୂଳଭିତ୍ତି । ନୈତିକ ଜୀବନ ପୁଣି ପ୍ରତିଷ୍ଠିତ ହୁଏ ସତ୍ୟ ଓ ଅସତ୍ୟର ଯଥାଯଥ ବିଚାର ଉପରେ । ଠିକ୍ ଯେମିତି ମୁକ୍ତା ସଂଗ୍ରହ କରିସାରି ତୁମେ ତା'ର ଖୋଳ ଶାମୁକାଟିକୁ ଫୋପାଡ଼ି ଦିଅ, ସେମିତି ଜୀବନର ସାର ସତ୍ୟକୁ ଗ୍ରହଣ କରି ଅସାର ଅସତ୍ୟକୁ ବର୍ଜନ କର । ପୁଣି ସେଥିପାଇଁ ଦରକାର ବ୍ୟକ୍ତିର ଉଦ୍ୟମ ଓ ପ୍ରଭୁକୃପା । ଦେହ ଓ ଆତ୍ମା ଯେ ତଫାତ୍ ସବୁବେଳେ ଏ ମହାନ୍ ସତ୍ୟକୁ ସ୍ମରଣ ରଖି ଏହାର ଉପଲବ୍ଧି ପାଇଁ ଅଭ୍ୟାସ କରିବା ଉଚିତ । ଏହା ହେବ ସବୁଠୁଁ ବଡ଼ ଫଳପ୍ରଦ ସାଧନା । ଧର୍ମନିରପେକ୍ଷ ହେଉ ବା ଆଧ୍ୟାତ୍ମିକ ହେଉ, ଜୀବନର ସମସ୍ତ କର୍ମର ଏଇ ବିବେକ ବା ବିଚାରଶୀଳତା ଏକାନ୍ତ ଆବଶ୍ୟକ । ଯେଉଁ ସତ୍ୟ ସୃଷ୍ଟି, ସ୍ଥିତି ଓ ଲୟରେ ପରିବ୍ୟାପ୍ତ, ଯେଉଁ ସତ୍ୟ ସ୍ୱୟଂ ପରମେଶ୍ୱର, ତାହାର ଉପଲବ୍ଧି ନିମନ୍ତେ ଏହି ବିବେକ ବା ବିଚାରଜ୍ଞାନ ଏକାନ୍ତ ଅପରିହାର୍ଯ୍ୟ ।

ଏହି ପରମ ପିତାଙ୍କୁ ଅର୍ଚ୍ଚନା କରିବା ନିମନ୍ତେ ଖାଦ୍ୟପେୟରେ ଶୁଦ୍ଧତା ରକ୍ଷା କରିବାକୁ ପଡ଼ିବ । ଖାଦ୍ୟ କେତେ ପରିମାଣରେ ଖାଇବ ତାହା ବିଚାର ନ କରି କି ପ୍ରକାର ଖାଦ୍ୟ ଖାଇବ ତାହା ବିଚାର କର; ଅବଶ୍ୟ ପରିମାଣକୁ ମଧ୍ୟ ଉପେକ୍ଷା କରିହେବ ନାହିଁ । ମାତ୍ର ଖାଦ୍ୟ କାହିଁକି ଦରକାର ? ଏହା ଦରକାର ଈଶ୍ୱର ସେବା ପାଇଁ ଦେହରେ ଆବଶ୍ୟକୀୟ ଶକ୍ତି ସଞ୍ଚାର କରିବାକୁ । ସେବାଯଜ୍ଞର ଫଳ ପାଇବା ପାଇଁ ଖାଦ୍ୟ ଦରକାର;

Scanned by TapScanner

ଏଣୁ ଖାଦ୍ୟ ପବିତ୍ର ଓ ନିର୍ମଳ ହେବା ଦରକାର । ଖାଦ୍ୟର ଏଇ ଉଦ୍ଦେଶ୍ୟ ପ୍ରତି ଦୃଷ୍ଟି ରଖିବା ଉଚିତ ।

ଏହିପରି ପ୍ରତ୍ୟେକ ଲୋକ ତା'ର ଅଭ୍ୟାସ ଓ ଚରିତ୍ର ଉପରେ ସବୁବେଳେ ନଜର ରଖିବା ଉଚିତ । ତାହାହେଲେ ଦେହ ସହ ଥିବା ଆସକ୍ତି ଚାଲିଯିବ ଓ ଆତ୍ମାନନ୍ଦ ଲାଭ କରିବା ସହଜ ହୋଇଯିବ ।

ଆତ୍ମ-ସାକ୍ଷାତକାର ପୂର୍ବରୁ ମଣିଷକୁ ଏଇ କେତେଗୁଡ଼ିଏ କର୍ତ୍ତବ୍ୟ ପାଳନ କରିବାକୁ ପଡ଼ିବ, କାରଣ ଏ ପ୍ରକାର ସୁସଂଯତ ଆଧ୍ୟାତ୍ମିକ ଜୀବନଦ୍ୱାରା ହିଁ ପବିତ୍ରତା ଏବଂ ପବିତ୍ରତାଦ୍ୱାରା ପରମାତ୍ମାଙ୍କୁ ଲାଭ କରିବା ସମ୍ଭବ ହେବ । ତେଣୁ ସାଧନାରେ ନିଜକୁ ନିୟୋଜିତ ନ କରି ପରମାତ୍ମାଙ୍କୁ ଉପଲବ୍ଧି କରିପାରୁନାହିଁ ବୋଲି ଆକୁଳ ହେଲେ କିଛି ଲାଭ ନାହିଁ ।

ଆଧ୍ୟାତ୍ମିକ ଜୀବନ ଓ ଏହାର ପବିତ୍ରତା ସମ୍ପର୍କରେ କିଛି ଅଭିଜ୍ଞତା ନଥିଲେ ଏ ବସ୍ତୁପ୍ରଧାନ ଜଗତରେ ତା'ର ମୂଲ୍ୟ କଳନା କରିବା ଆଦୌ ସମ୍ଭବ ନୁହେଁ । ସେଥିପାଇଁ ତୁମେ କହିପାର ଯେ ଆଧ୍ୟାତ୍ମିକ ଜୀବନର ମୂଲ୍ୟ ନିରୂପଣ କରିସାରିଲା ପରେ ସିନା ଏହାର ସାଧନାରେ ମନଦେବା ସମ୍ଭବ । ମାତ୍ର ଏ ଯୁକ୍ତି ପହଁରା ଜାଣିସାରିଲା ପରେ ଯାଇ ପାଣିରେ ପଶିବା ଯୁକ୍ତି ଭଳି । ଗୋଟାଏ ଭାସନ୍ତା ପଦାର୍ଥକୁ ଆଶ୍ରା କରି ଆଗ ପାଣିରେ ପଶିବାକୁ ହେବ, ତା'ପରେ ସିନା ପହଁରା ଶିଖିବ । ପାଣିରେ ଆଦୌ ନ ପଶି ତୁମେ ସନ୍ତରଣବିଶାରଦ ହେବ କେମିତି ? ସେହିପରି ମନକୁ କୌଣସି ଏକ ଭାସନ୍ତା ପଦାର୍ଥରେ ଲଗ୍ନ କରି ସାଧନାର ଜଳାଶୟରେ ଲମ୍ଫ ଦିଅ, ତା'ପରେ ଆଧ୍ୟାତ୍ମିକ ସାଧନାର ମୂଲ୍ୟ ତୁମେ ଆପେ ଆପେ ବୁଝିପାରିବ । ଯେଉଁମାନେ ସେ ପଥର ପଥିକ ସେମାନଙ୍କୁ ଏ ରାସ୍ତାର ଗୁଣଗ୍ରାମ ଭଲ ରୂପେ ଜଣା । ସେମାନେ ଜାଣନ୍ତି ଯେ ସତ୍ୟ ଓ ବିବେକର ରାସ୍ତା ପରମାତ୍ମାଙ୍କ ପାଖକୁ ବାଟ କଢ଼େଇ ନେଇ ପାରିବ । ମାତ୍ର ଯେଉଁମାନେ ଏ ରାସ୍ତାରେ ଗୋଡ଼ ଦେଇନାହାନ୍ତି ବା ଏମିତି ଗୋଟିଏ ରାସ୍ତା ଅଛି ବୋଲି ଜାଣନ୍ତି ନାହିଁ, ସେମାନେ ସାଧନାର କଥା ନିଜକୁ ବା ଅନ୍ୟମାନଙ୍କୁ କେମିତି ବୁଝାଇ ପାରିବେ ?

ଏକମାତ୍ର ପରମାତ୍ମା ହିଁ ସତ୍ୟ । ସତ୍ୟ ହିଁ ପରମାତ୍ମା । ପରମାତ୍ମା ପ୍ରେମସ୍ୱରୂପ । ସତ୍ୟ ଓ ପ୍ରେମ ରୂପରେ ତାଙ୍କୁ ଧ୍ୟାନ କର । ଯେଉଁ ରୂପରେ ତୁମେ ପରମେଶ୍ୱରଙ୍କୁ ଧ୍ୟାନ କରିବ, ତାଙ୍କୁ ସେଇ ରୂପରେ ଦର୍ଶନ କରିବ । ସର୍ବଦା ଈଶ୍ୱର ଭକ୍ତମାନଙ୍କ ଗହଣରେ ବସବାସ କର । ଏଇ ସତ୍‌ସଙ୍ଗ ପ୍ରସାଦରୁ ତୁମ ମନରେ ବିବେକ ଓ ବୈରାଗ୍ୟ ଜାତ ହେବ ଓ ଏହା କ୍ରମଶଃ ଦୃଢ଼ୀଭୂତ ହୋଇଯିବ । ଏହା ତୁମ ଆତ୍ମାକୁ ଶକ୍ତିମାନ୍ କରି ଅପୂର୍ବ ଅନ୍ତର୍ଗତ ପ୍ରଶାନ୍ତି ପ୍ରଦାନ କରିବ । ତା'ପରେ ତୁମ ମନ ମଧ୍ୟ ପରମାତ୍ମାଙ୍କଠାରେ ଲୀନ ହୋଇଯିବ ।

Scanned by TapScanner

ତୁମେ ଯେଉଁସବୁ କର୍ମ କରୁଛ, ସେଥିରେ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ପ୍ରୟୋଗ କର, ବଚନ ଓ ଆଚରଣରେ ସତ୍ୟସନ୍ଧ ହୁଅ । ପ୍ରଥମେ ପ୍ରଥମେ ତୁମେ ହୁଏତ ଏଥିରେ ଅକୃତକାର୍ଯ୍ୟ ହୋଇପାର ବା ସତ୍ୟାଚରଣରେ ତୁମକୁ ଦୁଃଖ କଷ୍ଟ ଭୋଗିବାକୁ ପଡ଼ିପାରେ, ମାତ୍ର ଶେଷରେ ତୁମେ ଅବଶ୍ୟ ବିଜୟୀ ହେବ ଏବଂ ଦିବ୍ୟ ପ୍ରଶାନ୍ତିର ଅଧିକାରୀ ହେବ । ଶାସ୍ତ୍ର କହେ, ''ସତ୍ୟମେବ ଜୟତେ ନାନୃତମ୍'' । ଆଚରଣ ଓ ଚରିତ୍ର ବଳରେ ହିଁ ତୁମେ ସତ୍ୟପ୍ରାପ୍ତ ଓ ବ୍ରହ୍ମପ୍ରାପ୍ତ ହେବ ।

Scanned by TapScanner